আর্. ଲକ୍ଷ୍ମୀ

ବନାମ

କେ. ସରସ୍ୱତୀ ଅମ୍ମଲ

ସେପ୍ଟେମ୍ବର 27,1996

[ବି. ପି. ଜୀବନ ରେଡ୍ଡୀ ଏବଂ କେ. ଏସ୍. ପରିପୂର୍ଣ୍ଣନ, ନ୍ୟାୟମୂର୍ତ୍ତିଦ୍ୱୟ]

*ଦେୱାନୀ ପ୍ରକ୍ରିୟା ସଂହିତା, 1908:*

*ଆଦେଶ IX ନିୟମ 13 – ଏକତରଫା ଡିକ୍ରି – ଏହାକୁ ରଦ୍ଦ କରିବା ପାଇଁ ଆବେଦନ – ଛାଡ଼ପତ୍ରର ଏକତରଫା ଡିକ୍ରି ପାଇବା ପରେ ସ୍ୱାମୀଙ୍କ ମୃତ୍ୟୁ – ଉକ୍ତ ଡିକ୍ରିଟିକୁ ରଦ୍ଦ କରିବା ପାଇଁ ପତ୍ନୀଙ୍କ ଆବେଦନ – ବିଚାର କରୁଥିବା ନ୍ୟାୟାଳୟ ଏହି ଆବେଦନକୁ ଏହା ଦର୍ଶାଇ ଖାରଜ କରିଦେଇଛନ୍ତି ଯେ, ଯେହେତୁ ଛାଡ଼ପତ୍ର ଏକ ବ୍ୟକ୍ତିଗତ ପ୍ରତିକାର, ସ୍ୱାମୀଙ୍କ ମୃତ୍ୟୁ ପରେ ଏହାକୁ ଅନୁସରଣ କରାଯାଇପାରିବ ନାହିଁ – ଦର୍ଶାଯାଇଛି, ଯଦିଓ ସ୍ୱାମୀଙ୍କ ମୃତ୍ୟୁ ହୋଇଛି, ତାଙ୍କ ଦ୍ୱାରା ପ୍ରାପ୍ତ ଡିକ୍ରି ଆଇନରେ ପ୍ରଭାବଶାଳୀ ଅଟେ ଏବଂ ଆବେଦନକାରୀଙ୍କ ମୃତ ସ୍ୱାମୀଙ୍କ ସମ୍ପତ୍ତିରେ ତାଙ୍କ ଅଧିକାର ନିର୍ଦ୍ଧାରଣ କରିବା ବ୍ୟତୀତ ପତ୍ନୀ ଭାବରେ ତାଙ୍କ ସ୍ଥିତି ମଧ୍ୟ ସ୍ଥିର କରେ – ଏହା ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ ମଧ୍ୟ ଛାଡ଼ପତ୍ର କାର୍ଯ୍ୟବିଧିକୁ ପ୍ରତିଦ୍ୱନ୍ଦ୍ୱିତା କରିବାର ବୈଧ ସ୍ଥିତି ଏବଂ ଅଧିକାର ଦେଇଥାଏ – ଗୁଣବତ୍ତା ଆଧାରରେ ଆଦେଶ IX ନିୟମ 13 ଅଧୀନରେ ଆବେଦନକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ଆବେଦନକୁ ଫଏସଲା କରିବା ପାଇଁ ବିଚାର କରୁଥିବା ନ୍ୟାୟାଳୟଙ୍କୁ ମାମଲାଟି ପୁନଃ ପ୍ରେରଣ କରାଯାଇଛି ।*

*ପରିବାର ଆଇନ ।*

*ଛାଡ଼ପତ୍ର କାର୍ଯ୍ୟବିଧି – ଦର୍ଶାଯାଇଛି, ପତ୍ନୀଙ୍କର ସ୍ୱାମୀଙ୍କ ମୃତ୍ୟୁ ପରେ ମଧ୍ୟ ଛାଡ଼ପତ୍ରର ଏକ ତରଫା ଡିକ୍ରିକୁ ରଦ୍ଦ କରିବା ପାଇଁ ଆବେଦନକୁ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ବୈଧ ସ୍ଥିତି ଏବଂ ଅଧିକାର ଅଛି, କାରଣ ଏହା ତାଙ୍କ ମୃତ ସ୍ୱାମୀଙ୍କ ସମ୍ପତ୍ତିରେ ତାଙ୍କ ଅଧିକାର ନିର୍ଦ୍ଧାରଣ କରିବା ବ୍ୟତୀତ ତାଙ୍କ ସ୍ଥିତି ମଧ୍ୟ ସ୍ଥିର କରେ ।*

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 12664-65/1996 ।

ସି. ଆର୍. ପି. ସଂଖ୍ୟା 2556-57/1986 ରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟର 23.12.88 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ସୁଶ୍ରୀ ବିନା ଗୁପ୍ତା, ସୁଶ୍ରୀ ଟି. ସୁଧା ଏବଂ ରମେଶ ସିଂ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଯଦିଓ ଉତ୍ତରଦାତାଙ୍କୁ ଡକାଯାଇଥିଲା, କିନ୍ତୁ ଉତ୍ତରଦାତାଙ୍କ ପାଇଁ କେହି ଉପସ୍ଥିତ ହୋଇନଥିଲେ ।

ଅନୁମତି ପ୍ରଦାନ କରାଗଲା ।

ଅପିଲକାରୀ ହେଉଛନ୍ତି ସେହି ପତ୍ନୀ, ଯାହାଙ୍କ ବିରୁଦ୍ଧରେ ତାଙ୍କ ସ୍ୱାମୀ ଛାଡ଼ପତ୍ରର ଏକତରଫା ଡିକ୍ରି ପ୍ରାପ୍ତ କରିଥିଲେ । ଡିକ୍ରି ପାଇବା ପରେ ସ୍ୱାମୀଙ୍କର ମୃତ୍ୟୁ ହୋଇଥିଲା । ପତ୍ନୀ ଏକ-ତରଫା ଡିକ୍ରି ବିଷୟରେ ଜାଣିବା ପରେ, ଦେୱାନୀ ପ୍ରକ୍ରିୟା ସଂହିତାର ଆଦେଶ IX ନିୟମ 13 ଅନୁଯାୟୀ ଛାଡ଼ପତ୍ରର ଡିକ୍ରି ରଦ୍ଦ କରିବାକୁ ଆବେଦନ କରିଥିଲେ । ବିଚାର କରୁଥିବା ନ୍ୟାୟାଳୟ ଉକ୍ତ ଆବେଦନକୁ ଏହା ପରିଲକ୍ଷିତ କରି ଖାରଜ କରିଥିଲେ ଯେ, ଯେହେତୁ ଛାଡ଼ପତ୍ର ଏକ ବ୍ୟକ୍ତିଗତ ପ୍ରତିକାର ଅଟେ, ସ୍ୱାମୀଙ୍କ ମୃତ୍ୟୁ ପରେ ଏହାକୁ ଅନୁସରଣ କରାଯାଇପାରିବ ନାହିଁ । ଅପିଲ କରିବାରୁ, ବିଚାର କରୁଥିବା ନ୍ୟାୟାଳୟଙ୍କ ମତକୁ ଓଲଟା ଦିଆଯାଇଥିଲା । କିନ୍ତୁ ପୁନର୍ବିଚାର କରୁଥିବା ନ୍ୟାୟାଳୟଙ୍କ ମତକୁ ଉଚ୍ଚ ନ୍ୟାୟାଳୟ ଦ୍ୱାରା ଓଲଟାଇ ଦିଆଗଲା ।

ଆମର ମତ ହେଉଛି ଯେ, ପତ୍ନୀ ଆଦେଶ IX ନିୟମ 13 ଅନୁଯାୟୀ ଆବେଦନକୁ ବଜାୟ ରଖିବା ପାଇଁ ସକ୍ଷମ ହେବା ଉଚିତ ଏବଂ ସକ୍ଷମ ଅଟନ୍ତି । ଯଦିଓ ସ୍ୱାମୀ ମୃତ, ତଥାପି ତାଙ୍କ ଦ୍ୱାରା ପ୍ରାପ୍ତ ଡିକ୍ରି ଆଇନରେ ପ୍ରଭାବଶାଳୀ ଅଟେ ଏବଂ ଅପିଲକାରୀଙ୍କ ସ୍ଥିତି ସ୍ଥିର କରେ । ଯଦି ଅପିଲକାରୀ  କୁହନ୍ତି ଯେ, ଏହା ଏକ ଏକତରଫା ଡିକ୍ରି ଏବଂ ଏହାକୁ ରଦ୍ଦ କରାଯିବା ଉଚିତ, ତେବେ ତାଙ୍କ ଆବେଦନକୁ ଯୋଗ୍ୟତା ଆଧାରରେ ଶୁଣାଣି କରିବାକୁ ପଡ଼ିବ । ଛାଡ଼ପତ୍ରର ଡିକ୍ରି ତାଙ୍କ ମୃତ ସ୍ୱାମୀଙ୍କ ସମ୍ପତ୍ତିରେ ତାଙ୍କ ଅଧିକାର ନିର୍ଦ୍ଧାରଣ କରିବା ବ୍ୟତୀତ ପତ୍ନୀ ଭାବରେ ତାଙ୍କର ସ୍ଥିତି ମଧ୍ୟ ସ୍ଥିର କରେ । ଏହା ତାଙ୍କୁ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ ମଧ୍ୟ ଛାଡ଼ପତ୍ର କାର୍ଯ୍ୟବିଧିକୁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପର୍ଯ୍ୟାପ୍ତ ବୈଧ ସ୍ଥିତି ଏବଂ ଅଧିକାର ଦେଇଥାଏ ।

ତଦନୁସାରେ, ଆବେଦନକୁ ଅନୁମତି ଦିଆଯାଇଛି ଏବଂ ଆଇନ ଅନୁଯାୟୀ ଗୁଣବତ୍ତା ଆଧାରରେ ଆଦେଶ IX ନିୟମ 13 ଅଧୀନରେ ଅପିଲକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ଆବେଦନକୁ ଫଏସଲା କରିବା ପାଇଁ ବିଚାର କରୁଥିବା ନ୍ୟାୟାଳୟକୁ ମାମଲାଟି ପୁନଃ ପ୍ରେରଣ କରାଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ସୁଶ୍ରୀ ବିନା ଗୁପ୍ତା କହିଛନ୍ତି ଯେ, ଅପିଲକାରୀଙ୍କୁ ଅନୁକମ୍ପା ଭିତ୍ତିରେ ବିଦ୍ୟୁତ୍ ବୋର୍ଡରେ ଚାକିରି ଏହି ଆଧାରରେ ପ୍ରଦାନ କରାଯାଇଛି ଯେ, ସେ ମୃତ କର୍ମଚାରୀଙ୍କ ପତ୍ନୀ ଅଟନ୍ତି । ଶେଷରେ ଛାଡ଼ପତ୍ର କାର୍ଯ୍ୟବିଧିର ଫଏସଲା ହେବା ପର୍ଯ୍ୟନ୍ତ, ଏହା ନିର୍ଦ୍ଦେଶ ଦିଆଯାଇଛି ଯେ, ତାଙ୍କୁ ଉକ୍ତ ପଦବୀରୁ ହଟାଇ ଦିଆଯିବ ନାହିଁ ।

ଆର୍. ପି.

<u>ଅସ୍ୱୀକରଣ</u>

“ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ” ।

ଅନୁବାଦିକା
ଶିବାନୀ ଦାଶ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ